
MAYADHAR CLASSES
Web : www.mayadharclasses.org
An institute of best authors of india
Medical & IIT, +2 Sc. CBSE Residential Schooling Int. XI, XII
Satyavihar, Bhubaneswar Separate Residential Campus for Boys & Girls
Medical Campus
9348368811, 9040098056
Unit-4, Bhouma Nagar Near Swagat Palace, BBSR
IIT Campus
9040098051
Satyanagar, Bhubaneswar Kalimandir Lane
Medical Campus
9040098054, 9853252791
Arunodayanagar, Cuttack Link Nursing home Lane
Medical & IIT Campus
9438276465, 9040098057
+2 Sc. Coaching XI, XII Admission Open...
College Square, Cuttack
6370085443, 9853441827
Unit-4, Bhoumanagar, BBSR
9114401331, 7504951331
ଏକ ସପ୍ନା ଭୁବନେଶ୍ୱର କୋ କୋଟା ସେ ବଡ଼ା ବନାନା
NEET | AIIMS | IIT | NISER - 2020
All students (100%) Secured above 540 marks from a single hostel
ODISHA'S LEADING BRAND MAYADHAR CLASSES
Highest %age of Result in NEET-2019 Odisha spreads out in India
672 RANVIJAY NEET Mark
656 Sachin NEET Mark
642 Danish NEET Mark
640 Rahul Gupta NEET Mark
635 Deepanjali NEET Mark
635 Arman NEET Mark
632 Tapas Ku. Sahu NEET Mark
635 Gembali Revanth NEET Mark
624 Tapas Ku. Sahu NEET Mark
633 SHUBHANGINI 150216134
620 SHYAM 440818935
619 ABHILASH RANA 360404294
618 SASWAT 360407655
613 NIRAJ 360700816
611 GANESH 360300757
607 SURAJ 360202050
607 SAURAV 150249729
605 SAMBIT 360402063
600 SUJEET 390102870
All physics Questions were from Mayadhar sir's book and Strong material. Practise of which helped me to score 672 marks. and 99.999% in physics.
Ranvijay
OUR RESULTS FROM AVERAGE STUDENTS NOT FROM TOPPERS
594 ISHRAH 440203472
585 AKASH 360416288
585 HITESH 360409501
583 BASANT 150243133
582 BISWARANJAN 360406202
581 RAHUL 23021190
579 KUMAR ASUTOSH 360501077
578 BALABHADRA 360403586
577 DHIRENDRA 441108046
576 JUNED KHAN 360502681
573 SOMANI 441101544
572 RISHIKESH 150209270
570 SWARUP 360412724
570 MASUSRAJ HATI 390318600
569 GYANA 360411458
566 SATYAJIT 360403092
565 SAIRAM 360504071
564 ANSHUMAN 360413871
564 JYOTIPRAKASH 360200215
562 RAJAT 360408857
561 VIVEK 360400371
559 BINDUREKHA NAG 360408995
557 DEBASMITA 360405427
557 SHISIRA 360410139
556 SOUMYA 360414803
556 NEHA 150232474
554 SMARANIKA 360406021
554 SUMANGAL 360503564
553 ABHISHEK 360408393
552 NILAMADHABA 360406692
551 SANTOSH 360702595
550 ABINASH SWAIN 360401503
549 BISWAJIT 360500058
549 SHASHWATEE 360402763
548 SMRUTIKRISHNA 360411448
548 RASHMI RANJAN 360100234
545 ANKIT 360401131
545 SUDIP 390323577
544 TARINI SHANKAR 360407158
543 SHUVAM 360700739
542 SUSANTA 360403374
542 RANJAN KU MOHANTA 360504865
541 SIPRA SIMRAN 360505058
541 SATYAPRAKASH 360407392
540 ASHUTOSH 360501249
539 PRAYAS 360413050
539 SAHIL 360415429
538 RAMAKRUSHNA 360406431
536 SOUJANYA 360400013
535 CHINMAY 360414822
534 PRABHUDATTA 360501170
533 TARAKANTA 360503536
532 AMIT 360415044
531 SUBHRAJEET 360401023
531 ABHISHEK PANIGRAHI 360414394
530 PRIYANKA 360500602
529 DILLIP GUIN 360505196
527 DUSMANTA 360500478
525 SANTANU 360411347
525 ABHILASH 360505002
525 KAILASH SARBHANGIA 360405348
523 PRACHI 360413374
523 SAROJ MOHANTY 360503468
522 ASHIM 360416151
522 SUBHADARSHI 360404416
520 DURGA 360410996
517 SAILI 360414893
516 PURNASHA 360500702
516 SAPTARSHI 460811330
515 ANIQA 360402688
515 NIHAR 360505084
515 SATYABRATA 360501971
514 JYOTI R. DALABEHERA 360700489
514 MOTIKRISHNA 390508401
514 SUCHITRA 360407540
514 TABASUM 360402749
510 DIBYANSU 360409634
510 ABINASH 360401312
510 SRIDHAR PANDA 360300671
509 ABHIPSA DAS 360700489
509 SWATI 360503551
507 PURNENDU 460807730
506 TABIBA 460803216
504 SATYABADI 360406286
504 PRADOYT 360502335
503 SITESH 360501889
503 NAMITA 360412875
503 SATYABRATA 360503147
501 DEBASHISH 360409001
Categories
525* KAILASH SARBHANGIA 360405348
471* SC BHANUPRIYA BAG 360414552
464* SUMAN 360409781
445* NIRUPAMA 360411556
443* DEBASMITA 360504789
436* DILLIP KU. SETHI 360500009
416* ABHISHEK 360406289
350* ST PRATIKSHYA 360413325
328* ST PRATIKSHYA 360402334
STRONG COMPETITION ENVIRONMENT IN OUR OWN HOSTEL
Next Batch Dt: 18.06.2019 Tuesday
I am Deepanjali Kathar. Today I am really happy and overwhelmed at achieving 635 marks in NEET 2019. I really very thankful to God, my parents and especially my teachers of Mayadhar classes. The principle in Biology that Ajit Sir says- "Read only NCERT & notes". That helped me at achieving 336 mark in Biology. In chemistry also teachers helped me in understanding organic reaction mechanism & physical problems. In physics tips and short tricks of Mayadhar Sir really helped me at a greater extent. Otherwise I couldn't be able to achieve 150 in physics. So I heartily thankful to all faculty member of Mayadhar classes.
+2 Sc. Residential CBSE School
Program (XI CLASS) | Integrated IIT | Medical)
Special IIT Integrated Batch | Special Medical Integrated Batch
Join soon for Sure SUCCESS 100 Hostel Seats Available
Registration Going On...
Office : Satyavihar, Bhubaneswar - 9040098055
Features of CBSE Schooling Programme XI
1. Highly qualified & conceptual teacher for schooling programme
2. Weekly 2 Days integrated classes for integrated students by Expert Entrance faculty of Mayadhar Classes
3. AC Class room, Library Facility, Digitalised Classroom
4. Individual Doubt Clearing
5. Monthly parents teacher Meeting
6. Weekly Subjective, Objective Test & SMS to parents.
7. Maximum 30 students in a batch
8. Transporting Facility
9. Yoga & Meditation classes & cultural programme
10. Indoor Game
11. Outing facility on every month of last sunday.
12. Medical facilities in emergency (nearest hospital)
13. 4 times fooding & laundry facilities.

## ସଂକ୍ଷେପରେ

### ୯ରେ କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କ ନୀଳଗିରି ଗସ୍ତ

**ସଜନାଗଡ଼, ୬।୬(ଡି.ଏନ.ଏ.):** ଆସନ୍ତା ୯ ତାରିଖରେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମଶିଳ୍ପ, ପ୍ରାଣୀ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଥମ ଥର ନୀଳଗିରି ଗସ୍ତରେ ଆସିବେ। ୮ ତାରିଖରେ ସେ ଦିଲ୍ଲୀରୁ ଫେରି ପୁରୀ ଯାଇ ଶ୍ରୀଜଗନ୍ନାଥ ଦର୍ଶନ କରିବେ। ସେଦିନ ଭୁବନେଶ୍ୱରରେ ରାତ୍ରିଯାପନ କରିବେ। ୯ ତାରିଖ ପୂର୍ବାହ୍ନରେ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଅପରାହ୍ନରେ ନୀଳଗିରି ଜଗନ୍ନାଥ ମନ୍ଦିର ଏବଂ ସଜନାଗଡ଼ ଭୂଧାରଚଣ୍ଡୀ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ନୀଳଗିରି ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ସମର୍ଥକ, ପ୍ରଶଂସକ, କର୍ମକର୍ତ୍ତା, ଜନସାଧାରଣ ଏବଂ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

### ନିଟ୍ ପରୀକ୍ଷାରେ ଶୁଭ୍ରଜିତଙ୍କ କୃତିତ୍ୱ

**ସୋର, ୬।୬(ଡି.ଏନ.ଏ.):** ଜାତୀୟ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ତରଫରୁ ପରିଚାଳିତ ନିଟ୍ ପରୀକ୍ଷାରେ ସୋର ମ୍ୟୁନିସିପାଲିଟି ଅଧୀନ ଈଶ୍ୱରପୁର ଗ୍ରାମର ଶୁଭ୍ରଜିତ ପାଢ଼ୀ କୃତିତ୍ୱ ହାସଲ କରିଛନ୍ତି। ପିତା ଡା. ସୃଷ୍ଟିଧର ପାଢ଼ୀ ଓ ମା' ଶିକ୍ଷୟିତ୍ରୀ ସ୍ନେହଲତା ଦେଇଙ୍କର ସେ ଏକମାତ୍ର ପୁତ୍ର। ସେ ମୋଟ ୭୨୦ ମାର୍କରୁ ୬୦୯ ନମ୍ବର ରଖିଛନ୍ତି। ତାଙ୍କର ସର୍ବଭାରତୀୟ ର୍ୟାଙ୍କ ୫୮୭୮ ଥିବାର ଜଣାପଡ଼ିଛି। ସେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ୮୭ ପ୍ରତିଶତ ମାର୍କ ରଖିଥିଲେ। ସେ ଦିନକୁ ୧୦ଘଣ୍ଟା ପଢୁଥିଲେ ବୋଲି ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

**ବସ୍ତା, ୬।୬(ସ୍ୱ.ପ୍ର.):** ବସ୍ତା ବ୍ଲକ ନାଇକୁଡ଼ି ପଞ୍ଚାୟତର ବାଉଁଶବଣି ଗ୍ରାମର ଖଗେନ୍ଦ୍ର କର(୬୮) ନାମକ ଜଣେ ବୃଦ୍ଧଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଖଗେନ୍ଦ୍ର ଦରଡା ବଜାରକୁ ଆସି ବୁଧବାର ରାତିରେ ଘରକୁ ଫେରୁଥିଲେ। ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ସେ ରାସ୍ତାରେ ପଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କୁ ସମ୍ପର୍କୀୟମାନେ ଖୋଜିବାକୁ ଯାଇ ରାସ୍ତାପାର୍ଶ୍ୱରୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇଆସିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

### ପାଣି ପାଇଁ ଧାରଣା ବେଳେ ମାରପିଟ୍

**ବସ୍ତା, ୬।୬(ସ୍ୱ.ପ୍ର):** ବସ୍ତା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ଚାଷୀପଡା ଗ୍ରାମରେ ପାଣି ପାଇଁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟି ୨ ଆହତ ହୋଇଛନ୍ତି। ସେମାନେ ବସ୍ତା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏନେଇ ଆହତଙ୍କ ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହି ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘ ଦିନ ଧରି ଅଚଳ ଥିବା ଯୋଗୁ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହ ଏ ସଂକ୍ରାନ୍ତରେ ସରପଞ୍ଚଙ୍କୁ ଜଣାଇ ଆସୁଥିଲେ। ମାତ୍ର ସମସ୍ୟାର ସମାଧାନ ନ ହେବାରୁ ଗୁରୁବାର ଗ୍ରାମବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ବସ୍ତା ଏବିଡିଓ, ଭିଏଲଡବ୍ଲ୍ୟୁ, ପୋଲିସ ତଥା ସରପଞ୍ଚ ସେଠାରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମାତ୍ର ସ୍ଥାନୀୟ ଶାଳବଣି ଗ୍ରାମର ରଘୁନାଥ ସାହୁ ଏବଂ ପଣସାପଡା ଗ୍ରାମର ପ୍ରଦୀପ ରାଉତ, ଦୀପକ ରାଉତ ଓ ସୁଜିତ କୁମାର କାମିଲା ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଧାରଣାରେ ଯୋଗଦେଇଥିବା ପରମାନନ୍ଦ କାମିଲାଙ୍କ ଘରେ ପଶି ତାଙ୍କୁ ମାଡ ମାରିଥିଲେ । ପରମାନନ୍ଦଙ୍କ ସ୍ତ୍ରୀ ଓ ତାଙ୍କ ମା' ଆକ୍ରମଣକାରୀଙ୍କଠାରୁ ପରମାନନ୍ଦଙ୍କୁ ଛଡାଇବାକୁ ଆସି ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ପରମାନନ୍ଦ ଓ ତାଙ୍କ ମା'ବାସନ୍ତୀ ଆହତ ହୋଇଥିଲେ । ଏ ନେଇ ପରମାନନ୍ଦ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି । ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନାହିଁ।

# ଆଜିଠୁ ଖୋଲିବ ଧାନମଣ୍ଡି

- ଧାନକ୍ରୟ ୧୦ ଶତାଂଶରୁ ବୃଦ୍ଧି ହେବ
- ମଣ୍ଡି ଚାର୍ଜରେ ସଂଶୋଧନ କରାଯିବ-ଜିଲାପାଳ

**ଭୋଗରାଇ, ୬।୬(ଡି.ଏନ୍.ଏ.)**

ଚାଷୀ ଓ ସେବା ସମବାୟ ସମିତି ଆନ୍ଦୋଳନ ଚାପରେ ସରକାର ଶୁକ୍ରବାରଠାରୁ ଧାନମଣ୍ଡି ଖୋଲିବ ବୋଲି ଘୋଷଣା କରିଛନ୍ତି। ଦୀର୍ଘଦିନର ପ୍ରଶାସନର ଅବହେଳା, ବର୍ଦ୍ଧିତ ମଣ୍ଡିଚାର୍ଜ ଓ ୧୦ ଶତାଂଶ ରବିଧାନ କିଣାକୁ ନେଇ ସେବା ସମବାୟ ସମିତି ମିଲରଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଥିଲା। ଏଥିନିମନ୍ତେ ସରକାରୀ ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀମାନେ ଦୁର୍ଦ୍ଦଶା ଭୋଗୁଥିଲେ।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଚଳିତବର୍ଷ ରବି ଋତୁରେ ସାଢ଼େ ୯ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନଚାଷ କରାଯାଇଥିଲା। ପ୍ରତି ହେକ୍ଟରରେ ୭୫ କୁଇଣ୍ଟାଲ ୯୬ କେଜି ଧାନ ଅମଳ କରାଯାଇଥିବା ବେଳେ ସରକାରୀ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀ ଧାନ ବିକ୍ରି କରି ନ ପାରି ପଶ୍ଚିମବଙ୍ଗ ଦଲାଲଙ୍କୁ କୁଇଣ୍ଟାଲ ପ୍ରତି ୧୦୦୦ରୁ ୧୨ଶହ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଥିଲେ। ବାରମ୍ବାର ଚାଷୀମାନେ ସେବା ସମବାୟ ସମିତିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ଜିଲାସ୍ତରୀୟ ବୈଠକରେ ୨୯ ତାରିଖଠାରୁ ଧାନମଣ୍ଡି ଖୋଲିବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ବର୍ଦ୍ଧିତ ମଣ୍ଡିଚାର୍ଜ ଓ ୧୦ ଶତାଂଶ ଧାନ ବିକ୍ରି ନେଇ ସେବା ସମବାୟ ସମିତି ଓ ମିଲରମାନେ ରାଜି ହେଉ ନ ଥିଲେ। ଚାଷୀମାନେ ଧାନର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ବେଳେ ଗତ ୪ତାରିଖରେ ଚନ୍ଦନେଶ୍ୱରସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିସରରେ ଭୋଗରାଇର ୧୯ ସେବା ସମବାୟ ସମିତିର ସଭାପତି, ସମ୍ପାଦକମାନେ ମିଳିତ ହୋଇ ଧାନ କ୍ରୟ-ବିକ୍ରୟ ସଂକ୍ରାନ୍ତ ନୀତିନିୟମକୁ ସଂଶୋଧନ କରା ନ ଗଲେ ଚାଷୀମାନଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଏକ ଦାବିପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀ, କମିଶନର ଓ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା।

ଗତ ୫ ତାରିଖରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ମିଲର, ସେବା ସମବାୟ ସମିତିର ସଭାପତି, ସମ୍ପାଦକମାନେ ଯୋଗଦେଇଥିଲେ। ସହମତି ଭିତ୍ତିରେ ଶୁକ୍ରବାରଠାରୁ ଭୋଗରାଇର ୧୯ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯିବ ବୋଲି ଘୋଷଣା କରାଯାଇଥିଲା। ଧାନମଣ୍ଡି ଖୋଲିବା ନେଇ ବିଧାୟକ ଅନନ୍ତ ଦାସ କମିଶନର, କୃଷିମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ବାଉଁଶଡ଼ିହା ସମବାୟ ସମିତିରେ ଭୋଗରାଇ ବିଧାୟକ ସରକାରୀ ଧାନମଣ୍ଡିକୁ ଉଦ୍‌ଘାଟନ କରିବେ। ଧାନମଣ୍ଡି ଖୋଲିବା ସୂଚନା ମିଳିବା ପରେ ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



ଜିଲାସ୍ତରୀୟ ଇ-ନାମଲେଖା ନେଇ ପ୍ରଶିକ୍ଷଣ ଦିଆଯାଉଛି।

## ଜିଲାସ୍ତରୀୟ ଇ-ନାମଲେଖା ପ୍ରଶିକ୍ଷଣ

**ବାଲେଶ୍ୱର ଅଫିସ, ୬।୬**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳର ସିଏଲ୍‌ଟି ଗୃହରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଜିଲାସ୍ତରୀୟ ଇ-ନାମଲେଖା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତି ସେଠୀ ଶୁଭାରମ୍ଭ କରି ଚଳିତବର୍ଷରେ ନାମଲେଖା କ୍ଷେତ୍ରରେ ପରିବର୍ତ୍ତିତ ନିୟମଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲାର ଯୁକ୍ତ ୨ ନୋଡାଲ ନାମଲେଖା ଅଧିକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ନାମଲେଖା ପ୍ରକ୍ରିୟାକୁ ସମସ୍ତ ମହାବିଦ୍ୟାଳୟରେ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିଜସ୍ୱ ଅଭିମତ ପ୍ରଦାନ କରିଥିଲେ। ଶେଷରେ ସାମ୍ସ ଡିଇଓ ଅତନୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ସମସ୍ତ ଯୁକ୍ତ ୨ ଜୁନିୟର କଲେଜ ସାମ୍ସ ସେଣ୍ଟରର ନାମଲେଖା ଅଧିକାରୀ ଓ ଡିଇଓମାନେ ଯୋଗଦେଇଥିଲେ।

## ବ୍ୟାସକବିଙ୍କ ଶ୍ରାଦ୍ଧଦିବସ ପାଳନ ଲାଗି ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୬।୬**

ବ୍ୟାସକବିଙ୍କ ଶ୍ରାଦ୍ଧଦିବସ ପାଳନ ଲାଗି ବୁଧବାର ବାଲେଶ୍ୱରସ୍ଥିତ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦର କାର୍ଯ୍ୟନିର୍ବାହୀ କମିଟି ବୈଠକ ପରିଷଦର ସଭାପତି ଡ. ଶିରିଶ୍ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖ ରଜ ସଂକ୍ରାନ୍ତି ଦିନ ପୂର୍ବାହ୍ନ ୮ଟାରେ ଏହି ଶ୍ରାଦ୍ଧ ଦିବସ ନିକଟସ୍ଥ ସଂସ୍କୃତି ଭବନଠାରେ ପାଳନ କରାଯିବାକୁ ସ୍ଥିର କରାଯାଇଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ହରିଶ୍ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ପରିବେଶ ଦିବସ ଅବସରରେ ପରିଷଦ ପକ୍ଷରୁ ଆଗାମୀ ଦିନରେ ବୃକ୍ଷ ରୋପଣ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସମ୍ପାଦକ ତଥା ପରିଷଦକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରି ଯାଇଥିବା ସ୍ୱର୍ଗତ ପଞ୍ଚାନନ ଦାଶଙ୍କ ମହାପ୍ରୟାଣ ଦିବସ ପାଳନ କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ହୁଣ୍ଡିବାକ୍ସ ଚୋରି

**ବାଲେଶ୍ୱର ଅଫିସ, ୬।୬**

ବାଲେଶ୍ୱର ଷ୍ଟେଶନସ୍ଥିତ ଶିରିଡ଼ିସାଇ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ଗ୍ରୀଲ୍ ଭାଙ୍ଗି ଭିତରେ ଥିବା ହୁଣ୍ଡିବାକ୍ସ ଚୋରି କରିନେଇଥିବାର ଜଣାପଡ଼ିଛି। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୧୫୧/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।

ବୁଧବାର ରାତି ୧୦ଟାରେ ମନ୍ଦିରର ସମସ୍ତ କାର୍ଯ୍ୟ ଶେଷ କରି ପୂଜକ ଘରକୁ ଫେରିଥିଲେ। ପୂଜକଙ୍କ କହିବାନୁସାରେ ମନ୍ଦିରରେ ଥିବା ହୁଣ୍ଡିବାକ୍ସ ପ୍ରାୟ ୨/୩ ମାସ ମଧ୍ୟରେ ଭର୍ତ୍ତି ହୋଇଥାଏ। ଉକ୍ତ ଅର୍ଥ ମନ୍ଦିର ସେବା କାର୍ଯ୍ୟରେ ଲାଗେ। କିଛିଦିନ ଧରି ଉକ୍ତ ହୁଣ୍ଡି ଖୋଲାଯାଇ ନ ଥିଲା। ପ୍ରାୟ ୭୦ରୁ ୮୦ହଜାର ଟଙ୍କା ହୋଇଥିବା ପ୍ରକାଶ କରିଥିଲେ। କେତେକ ଦୁର୍ବୃତ୍ତ ଏହାକୁ ଲକ୍ଷ୍ୟ କରି ବୁଧବାର ବିଳମ୍ବିତ ରାତିରେ ଗ୍ରୀଲ୍ ଭାଙ୍ଗିବା ସହ କାଚଶଟରକୁ ଭାଙ୍ଗି ମନ୍ଦିର ଭିତରେ ପ୍ରବେଶ କରିଥିଲେ। ଲୁହାରଡ୍ ସାହାଯ୍ୟରେ ହୁଣ୍ଡିବାକ୍ସକୁ ଭାଙ୍ଗି ଦେଇ ସମସ୍ତ ଟଙ୍କା ନେଇଯାଇଥିବା ଗୁରୁବାର ପୂର୍ବାହ୍ନରେ ଜଣାପଡ଼ିଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


ପ୍ରକୃତି ମିତ୍ର ସମ୍ମାନ ଗ୍ରହଣ କରିଥିବା ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକର ବହୁ ଶିକ୍ଷାନୁଷ୍ଠାନ ଓ ସଙ୍ଗଠନର ପ୍ରତିନିଧି।

## ବେଗୁନିଆ ୟୁଜିୟୁପି ବିଦ୍ୟାଳୟକୁ ପ୍ରକୃତିମିତ୍ର ସମ୍ମାନ

**ଖଇରା, ୬।୬(ଡି.ଏନ.ଏ.)**

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ବେଗୁନିଆ ୟଜିୟପି ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଏହି ଘଟଣାରେ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଜୁନ୍ ୫ତାରିଖ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ପରିବେଶମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଡେପୁଟି ସଚିବ ସୁରେଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜିଲାର ୮ଟି ବ୍ଲକରୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ ହୋଇଥିବା ସଙ୍ଗଠନ ଓ ଶିକ୍ଷାନୁଷ୍ଠାନକୁ ମାନପତ୍ର ଏବଂ ୧୦ହଜାର ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ବେଗୁନିଆ ସ୍କୁଲର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ଲେଙ୍କା ଏବଂ ସେହି ଗ୍ରାମରୁ ୨୦୧୨ରେ ପ୍ରକୃତିବନ୍ଧୁ ସମ୍ମାନ ପାଇଥିବା ପୂର୍ଣ୍ଣଚନ୍ଦ୍ର ସେଣ୍ଠ ମନ୍ତ୍ରୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

## ମହିଳାଙ୍କ ଗୃହଦାହ ଅଭିଯୋଗ

**ରେମୁଣା, ୬।୬(ଡି.ଏନ.ଏ.):** ରେମୁଣା ଥାନା ଅଧୀନ ନୂଆପାଢ଼ୀ ପଞ୍ଚାୟତ ବାଲଗୋପାଳପୁର ଅଞ୍ଚଳରେ ରତନ ରାଏ ନାମ୍ନୀ ଜଣେ ମହିଳାଙ୍କ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଗହଣା ଲୁଟିନେବା ପରେ ଆଜବେଷ୍ଟସ୍ ଘରକୁ ଜାଳି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି । ମଙ୍ଗଳବାର ସେ ଏକ ବିବାହ ଉତ୍ସବକୁ ଯାଇଥିବାବେଳେ ରାତି ପ୍ରାୟ ୧୨ଟାରେ ଏହି ଘଟଣା ଘଟିଥିଲା। ରତନ ପଡୋଶୀଙ୍କଠାରୁ ଖବର ପାଇ ସକାଳେ ଆସି ଦେଖିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଘରେ ରଖିଥିବା ୪ହଜାର ଟଙ୍କା ଏବଂ କିଛି ସୁନା ଗହଣାକୁ ଲୁଟି ନିଆଯାଇଥିବା ଜାଣିବାକୁ ପାଇଥିଲେ। ଗରିବ ବିଧବା ରତନ ଏବେ ବେସାହାରା ହୋଇପଡିଛନ୍ତି । ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୋଲିସ ଓ ଆରଆଇ ଘଟଣାର ତଦନ୍ତ କରିଛନ୍ତି ।


ଓଷ୍ଟା ପକ୍ଷରୁ ସୌଭାଗ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଓଷ୍ଟା ପକ୍ଷରୁ ସୌଭାଗ୍ୟଙ୍କୁ ସମ୍ବର୍ଦ୍ଧନା

**ସିମୁଳିଆ, ୬।୬(ଡି.ଏନ.ଏ.)**

ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ମୋଟ ୭୨୦ରୁ ୬୦୫ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସିମୁଳିଆର ସୌଭାଗ୍ୟ ନାୟକଙ୍କୁ ଗୁରୁବାର ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଓଷ୍ଟା ଶିକ୍ଷକ ସଂଘର ସଭାପତି କମଳାକାନ୍ତ ପତି, ସମ୍ପାଦକ ପ୍ରସନ୍ନ କୁମାର ଧଳ, ବିଜ୍ଞାନ ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି, ବନମାଳୀ ନାୟକ, ଦିଲୀପ କୁମାର ରଥ, ନିରାକାର ଜେନା, ନରେନ୍ଦ୍ର ବେହେରା, ଗୌରାଙ୍ଗ ଲେଙ୍କା ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଜଣେ ଭଲ ଡାକ୍ତର ହୋଇ ସମାଜସେବା କରିବା ପାଇଁ ମଙ୍ଗଳ କାମନା କରିଥିଲେ। ସୌଭାଗ୍ୟ ଜଣେ ସର୍ଜରୀ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି।

ଗତ ୨୦୧୪ରେ ସେ ମାଟ୍ରିକ ପରୀକ୍ଷାରେ ମୋଟ୍ ୬୦୦ ନମ୍ବରରୁ ୫୬୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିଲେ। ତାଙ୍କ ମା' ସତ୍ୟଭାମା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ନିରଞ୍ଜନ ନାୟକ ସ୍ଥାନୀୟ ପଦ୍ମାବତୀ ବାଳିକା ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଅଛନ୍ତି। ସୌଭାଗ୍ୟ ବିଜେବି ଜୁନିୟର କଲେଜରୁ ଯୁକ୍ତ ଦୁଇ ପାସ୍ କରିବା ପରେ ମେଡ଼ିକାଲ କୋଚିଂ ନେଉଥିଲେ। ତେବେ ସୌଭାଗ୍ୟ ତାଙ୍କ ଜେଜେ ଭରତ ଚନ୍ଦ୍ର ନାୟକଙ୍କ ସ୍ୱପ୍ନକୁ ପୂରଣ କରିଥିବା ତାଙ୍କ ବାପା ସୂଚନା ଦେଇଛନ୍ତି। ତେବେ ସର୍ବଭାରତୀୟସ୍ତରରେ ତାଙ୍କ ର୍ୟାଙ୍କ ୬ହଜାର ୬ଶହ ରହିଛି।

## ବଜ୍ରପାତରେ ୩ ବଖରା ପୋଡ଼ିଗଲା

**ଖଇରା, ୬।୬(ଡି.ଏନ.ଏ.)**

ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧିନ ସାନକୁମାରୀ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତଜନିତ ଅଗ୍ନିକାଣ୍ଡ ଘଟି କୃଷ୍ଣଚନ୍ଦ୍ର ବେହେରାଙ୍କର ୩ ବଖରା ବାସଗୃହ ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ଲାଗିବା ସହ ଖଇରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

## କୁକୁର ଖାଉଥିବା ଶିଶୁକନ୍ୟା ଭ୍ରୂଣ ଉଦ୍ଧାର

**ସୋର, ୬।୬(ଡି.ଏନ.ଏ.):** ସୋର ଡାକ୍ତରଖାନା ପରିସରରେ ବୁଧବାର ବିଳମ୍ବିତ ରାତିରେ ଏକ ନବଜାତ ଶିଶୁକନ୍ୟାର ଭ୍ରୂଣ ଉଦ୍ଧାର କରାଯାଇଛି। ଏହି ଭ୍ରୂଣକୁ କୁକୁର ଖାଉଥିବା ଅବସ୍ଥାରେ ଲୋକେ ଦେଖିବାକୁ ପାଇଥିଲେ । ପରେ ଏ ସମ୍ବନ୍ଧରେ ସୋର ପୋଲିସକୁ ଖବର ଦିଆଯିବା ପରେ ପୋଲିସ ପହଞ୍ଚି ଶିଶୁକନ୍ୟା ଭ୍ରୂଣକୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।

## 'ବାୟୁ ପ୍ରଦୂଷଣ ପ୍ରତିହତ' ସମ୍ପର୍କିତ ଆଲୋଚନାଚକ୍ର

**ରୂପସା, ୬।୬(ଡି.ଏନ.ଏ.)**



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ 'ବାୟୁ ପ୍ରଦୂଷଣ ପ୍ରତିହତ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ, ପ୍ରକୃତି ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବା ସହ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା ଉଚିତ୍ ବୋଲି ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ପରିବେଶପ୍ରେମୀ ରବୀନ୍ଦ୍ର କୁମାର ବେହେରା ଓ ସନାତନ ମଲିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବାୟୁମଣ୍ଡଳ ପ୍ରଦୂଷଣର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଛାତ୍ର ବିଶ୍ୱଜିତ୍ ରଣା, ସ୍ୱାଭିମାନ ଜେନା, ସବିତା ସ୍ୱାଇଁ, ସତ୍ୟରଞ୍ଜନ ବେହେରା, ବିନତୀ ମହାଲିକ ଓ ରାକେଶ ପ୍ରଧାନ ପ୍ରମୁଖ ନିବନ୍ଧ ପାଠ କରିଥିଲେ। ଜାତୀୟ ସବୁଜବାହିନୀ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ପପୁ ସେଠୀ ଧନ୍ୟବାଦ ଦେଇଥିଲେ।

## କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ବାହାନଗା, ୬।୬(ଡି.ଏନ.ଏ.)**


କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଟ୍ୟୁଟୋରିଆଲ ତରଫରୁ ଯୁକ୍ତ ଦୁଇ ବିଜ୍ଞାନରେ କୃତିତ୍ୱ ଲାଭ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଟ୍ୟୁଟୋରିଆଲରେ ଯୁକ୍ତ ଦୁଇ ବିଜ୍ଞାନରେ ୫୩ ଜଣ ଛାତ୍ରୀଛାତ୍ର ପଢି ପରୀକ୍ଷା ଦେଇଥିଲେ। ଏଥିରେ ୧୯ଜଣ ପ୍ରଥମ ଶ୍ରେଣୀରେ, ୩୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଜଣେ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋପାଳପୁର ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ମୀନକେତନ ମଲ୍ଲିକ ୪୮୭ ନମ୍ବର ରଖିଥିବା ବେଳେ ରାଜୀପ୍ କୁମାର ୪୫୩ ନମ୍ବର ରଖିଛନ୍ତି। ସେହିପରି ସୁଧାଂଶୁ ନାୟକ ୪୩୭, ହରପ୍ରିୟା ସାହୁ ୪୧୬, ମନ୍ଦାକିନୀ ଜେନା ୪୧୨, ଚିନ୍ମୟୀ ନାୟକ ୪୦୧ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ଟ୍ୟୁଟୋରିଆଲର ଚେୟାରମ୍ୟାନ ସଞ୍ଜୟ କୁମାର ଦାଶ, ସମ୍ପାଦିକା ସୁକାନ୍ତି ଦାଶ, ଅଧ୍ୟାପିକା, ଅଧ୍ୟାପକ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବାଲିଆପାଳ ତହସିଲରେ ଅଚଳାବସ୍ଥା

# ପ୍ରତିବାଦରେ ଓକିଲ, ମୋହରିର ସଂଘର ଧାରଣା

**ବାଲିଆପାଳ, ୬।୬(ସ୍ୱ.ପ୍ର./ଡି.ଏନ.ଏ.)**

ବାଲିଆପାଳ ତହସିଲରେ ଦୀର୍ଘଦିନ ହେଲା ଲାଗିରହିଛି ଅଚଳାବସ୍ଥା। ଆବେଦନ କରିବାର ମାସ ମାସ ପରେ ମଧ୍ୟ ହିତାଧିକାରୀଙ୍କୁ ମିଳୁନି ବିଭିନ୍ନ ପ୍ରମାଣପତ୍ର ଏବଂ ନାଗରିକ ସୁବିଧା ସୁଯୋଗ। ଏ ନେଇ ଓକିଲ, ମୋହରିର ସଂଘ ଏବଂ ଜନସାଧାରଣଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ନ ହେବାରୁ ଗୁରୁବାର ସଂଘ ଏବଂ ବହୁସଂଖ୍ୟାରେ ସାଧାରଣ ଜନତା ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ତହସିଲଦାର ସ୍ନିଗ୍ଧାଛାୟା ମହାପାତ୍ର, ଭାଜପା ନେତା ବିକାଶ ଗିରି, ଅରବିନ୍ଦ ବେହେରା ପ୍ରମୁଖ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ଦିନ ମଧ୍ୟରେ ସମସ୍ତ ଦାବି ପୂରଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା।


ତହସିଲ କାର୍ଯ୍ୟାଳୟ ଫାଟକ ଆଗରେ ଓକିଲ, ମୋହରିର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଅଧିକାଂଶ ସମୟ ତହସିଲ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ଅନ୍ୟ ଅଧିକାରୀଙ୍କ ସହ ତାଙ୍କର ସମନ୍ୱୟ ରହୁନାହିଁ। ଫଳରେ ହିତାଧିକାରୀ ନାମ ଜାରି ମକଦ୍ଦମା, ଓଏଲ୍‌ଆର ଆଦି କେସ୍‌ରେ ୟୁଜର୍ସ ଫି' ଦାଖଲ କରିବାର ୫ ମାସରୁ ଅଧିକ ହୋଇଯାଇଥିଲେ ମଧ୍ୟ କେସ୍‌ଗୁଡ଼ିକର ଫଇସଲା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଲିଗାଲ ହେୟାର ସାର୍ଟିଫିକେଟ୍ ମଧ୍ୟ ମିଳୁନାହିଁ। ବହୁ ଛାତ୍ରୀଛାତ୍ର ଜାତି, ବାର୍ଷିକ ଆୟ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ନ ପାଇ ନିରାଶ ହୋଇ ପ୍ରତ୍ୟହ ଫେରିଯାଉଛନ୍ତି। ମୋହରିର ଏବଂ ଓକିଲମାନେ ଏସବୁ କାର୍ଯ୍ୟ ସମ୍ପାଦନରେ ମାଧ୍ୟମ ଭାବେ କାର୍ଯ୍ୟ କରିଆସୁଥିବାରୁ ସେମାନଙ୍କୁ ମଧ୍ୟ ଅସହଯୋଗ କରାଯାଉଛି। ତହସିଲଦାରଙ୍କ ସମେତ ବାଲେଶ୍ୱର ଜିଲାପାଳ, ଆର୍‌ଡିସିଙ୍କଠାରେ ଲିଖିତ ଅଭିଯୋଗ କରାଯାଇଛି, ହେଲେ ଅଦ୍ୟାବଧି ଏହାର ପ୍ରତିକାର ହୋଇ ନ ଥିବା ସଂଘ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ଓକିଲ ଓ ମୋହରିର ସଂଘ ପକ୍ଷରୁ ଅର୍ଦ୍ଧେନ୍ଦୁ ବାରିକ, ଦିଲୀପ କୁମାର ସେଠୀ, ରାଧାଗୋବିନ୍ଦ ବେହେରା, ପ୍ରଭାତ ସାହୁ, ଆନନ୍ଦ କୁମାର ପାଳ, ଭରତ ଭୂଷଣ ଦେ, କୀର୍ତ୍ତନ ପ୍ରଧାନ, ଅନାଦି ମହାନ୍ତି, ଚିତ୍ତରଞ୍ଜନ ମହାପାତ୍ର, ମଧୁସୂଦନ ସାହୁ ଓ ରାମନାରାୟଣ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ବହୁ ଜନସାଧାରଣ ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ନାବାଳକ ସମେତ ୨ ମୃତ

**ବହଳଦା/ରାଇରଙ୍ଗପୁର ୬।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବହଳଦା ଓ ଜାମଦା ଥାନା ଅଞ୍ଚଳରେ ବୁଧବାର କାଳବୈଶାଖୀ ସମୟରେ ବଜ୍ରପାତ ହେବାରୁ ଜଣେ ନାବାଳକଙ୍କ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି। ବଡ଼ଗୁଲତା ସ୍କୁଲର ପିଅନ କରୁଣାକର ମୁର୍ମୁ (୫୨)ଘରେ ଥିବାବେଳେ ବଜ୍ରପାତ ହେବାରୁ ସେ ସଂଜ୍ଞାହୀନ ହୋଇପଡିଥିଲେ। ପରେ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାମଦା ବ୍ଲକ ତଥା ବହଳଦା ଥାନା ଅଧୀନ ଡୁମାର ଗାଁର ପାଣ୍ଡୁ ସର୍ଦ୍ଦାର ନାମକ ଜଣେ ନାବାଳକଙ୍କର ବଜ୍ରପାତରେ ଜୀବନ ଯାଇଛି । ସେ ନିକଟସ୍ଥ ଏକ ଶିକ୍ଷାନୁଷ୍ଠାନରେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ପୋଲିସ ଏହି ମୃତଦେହକୁ ଜବତ କରି ରାଇରଙ୍ଗପୁର ହସ୍‌ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ଗୁରୁବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ୧୦ରୁ ହୋ ଭାଷାରେ ପରୀକ୍ଷା

**କପ୍ତିପଦା,୬।୬(ଡି.ଏନ.ଏ):** ଓଡ଼ିଶା ହୋ ଲାଙ୍ଗଏଜ୍ ଏଜୁକେଶନ କାଉନ୍‌ସିଲ ପକ୍ଷରୁ ହୋ ଭାଷାରେ ପାଠ ପଢୁଥିବା ପ୍ରାଥମିକ, ମାଧମିକ ଓ ଯୁକ୍ତ୨ କଳା ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ପରୀକ୍ଷା ତାରିଖ ଘୋଷଣା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖରେ ସରିବ ବୋଲି ଜଣାଯାଇଛି । ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ରୁ ୧୨ଟା ପର୍ଯ୍ୟନ୍ତ ପ୍ରଥମ ଓ ଅପରାହ୍ନ ଗୋଟାଏରୁ ୩ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ହେବ ।

### ବାଙ୍ଗିରିପୋଷିରେ ଇଦ୍-ଉଲ୍-ଫିତର

**ବାଙ୍ଗିରିପୋଷି, ୬।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବୁଧବାର ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଥିଲା। ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ସ୍ଥାନୀୟ ମସ୍‌ଜିଦରେ ଏକତ୍ରିତ ହୋଇ ନମାଜ ପାଠରେ ସାମିଲ ହୋଇଥିଲେ। ସେମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ମସ୍‌ଜିଦର ସର୍ଦ୍ଦାର ତଥା ସଭାପତି ସେକ୍ ମାଇନୁଦ୍ଦିନ, ସମ୍ପାଦକ ସେକ୍ ଆଫରଜ୍, କୋଷାଧକ୍ଷ ସେକ୍ ତାଜୁଦ୍ଦିନ ଓ ସେକ୍ ଆଜୁ, ସେକ୍ ଆବାସ, ଏସ୍‌କେ ସାକିଲ୍, ସେକ୍ ଫରମାନ ଅନ୍‌ସାରୀ, ସେକ୍ ଇସ୍ରାଇଲ, ସେକ୍ ଏହେସାନ, ମହମ୍ମଦ ସାଫିର ସାଗର, ଜମିର ଉଦ୍ଦିନ, ସେକ୍ ସାକିଲ ପ୍ରମୁଖ ଏହି ପର୍ବ ପରିଚାଳନା କରିଥିଲେ। ଅତିଥିମାନେ ଏହି ପର୍ବକୁ ଶାନ୍ତି, ମୈତ୍ରୀ, ଶ୍ରଦ୍ଧା ଓ ଭାଇଚାରାର ପର୍ବ ବୋଲି ବର୍ଣ୍ଣନା କରିଥିଲେ। ସର୍ଫରାଜ୍ ହାଫିଜ ରମ୍‌ଜାନ ମାସରେ ଦୀର୍ଘ ୧ ମାସ ଧରି ସ୍ଥାନୀୟ ମସ୍‌ଜିଦରେ କୋରାନ ପାଠ କରିଥିଲେ ।

### ରାଜକିଶୋରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



**କପ୍ତିପଦା, ୬।୬(ଡି.ଏନ.ଏ):** ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପକ୍ଷରୁ ଶିକ୍ଷକ ରାଜକିଶୋର ବେହେରାଙ୍କୁ ଚଳିତ ବର୍ଷ ପାଇଁ 'ପ୍ରକୃତିବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି । ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ପୁରସ୍କାର ବିତରଣୀ ସଭାରେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟଂ ମଲ୍ଲିକ ଅଧକ୍ଷତା କରିଥିଲେ । ଅତିଥି ଭାବେ ଶିକ୍ଷାନବୀଶ ଭାରତୀୟ ବନସେବା ଅଧିକାରୀ ମଗର ଧନୁଜା ରାଉସ, କରଞ୍ଜିଆ ବନଖଣ୍ଡ ସହକାରୀ ବନ ସଂରକ୍ଷକ ବଟକୃଷ୍ଣ ପାଢ଼ୀ, ବାରିପଦା ବନଖଣ୍ଡ ସହକାରୀ ବନ ସଂରକ୍ଷକ ଶରତ କୁମାର ମିଶ୍ର ଓ ରାଇରଙ୍ଗପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ନବୀନ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ପୁରସ୍କୃତ ପ୍ରତିଭାଙ୍କୁ ମାନପତ୍ର ସାଙ୍ଗକୁ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

# ପରୀକ୍ଷା ନିୟନ୍ତ୍ରକଙ୍କୁ ଘେରିଲା ଛାତ୍ର ସଙ୍ଗଠନ

## ସେମିଷ୍ଟର ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ

**ବାରିପଦା ଅଫିସ,୬।୬**

- ନାମ ଲେଖା ପାଇଁ ନୋଟିସ୍, ପ୍ରକାଶ ପାଇନି ପରୀକ୍ଷା ଫଳ
- ଆବଶ୍ୟକ ହେଲେ ଘୁଞ୍ଚିବ ନାମଲେଖା ତାରିଖ ସମୟସୀମା

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତରରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ୧ ତାରିଖରୁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଓ ଅଫ୍‌ଲାଇନ ଯୋଗେ ଆବେଦନ କରୁଛନ୍ତି। ସେମାନେ ଏଥିଲାଗି ଆବେଦନ ବେଳେ ଯୁକ୍ତ ତିନିର ପଞ୍ଚମ ଓ ଷଷ୍ଠ ସେମିଷ୍ଟର ପରୀକ୍ଷାର ମାର୍କଶିଟ୍ ଦେବା ପାଇଁ କୁହାଯାଉଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇ ସେମିଷ୍ଟର ପରୀକ୍ଷାଫଳ ଅଦ୍ୟାବଧି ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ନାମ ଲେଖାଇପାରିବେ କି ନାହିଁ ଏ ନେଇ ଚିନ୍ତାରେ ରହିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ କରି ଛାତ୍ରୀଛାତ୍ରଙ୍କୁ ହଇରାଣ କରିବା ଘଟଣା ନେଇ ଛାତ୍ର ସଙ୍ଗଠନ ମୟୂରଭଞ୍ଜ ଆଦିବାସୀ ରିଭୋଲ୍ୟୁଶନାରି ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ(ମାରିସା) ଗଭୀର ଉଦ୍‌ବେଗ ପ୍ରକାଶ କରି ଗୁରୁବାର ପରୀକ୍ଷା ନିୟନ୍ତ୍ରକଙ୍କୁ ଘେରାଉ କରି ପ୍ରତିବାଦ ଜଣାଇଛି।



ପରୀକ୍ଷା ନିୟନ୍ତ୍ରକଙ୍କ ସହିତ ମାରିସାର ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ଗୁରୁବାର ମାରିସାର ଜିଲା ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଜୀବେନ୍ଦ୍ର କୁମାର ମନ୍ତ୍ରୀଙ୍କୁ ଘେରାଉ କରି ସେମିଷ୍ଟର ପରୀକ୍ଷାଫଳ ବିଳମ୍ବ ନେଇ ତାଙ୍କ ସହିତ ଆଲୋଚନା କରିଥିଲେ। ପରୀକ୍ଷା ଫଳ ଯଥାସମ୍ଭବ ଶୀଘ୍ର ବାହାର କରିବା ଏବଂ ନାମଲେଖା ତାରିଖ ଘୁଞ୍ଚାଇବା ପାଇଁ ସେମାନେ ଦାବି କରିଥିଲେ। ଦାବି ପରେ ଆସନ୍ତା ୧୧ ତାରିଖ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କର୍ତ୍ତୃପକ୍ଷ ଆଶ୍ୱାସନା ଦେବା ସହ ନାମଲେଖା ତାରିଖ ବଢ଼ାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଖିଲାପ ହେଲେ ମାରିସା ପକ୍ଷରୁ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ସଂଗଠନର ଜିଲା ସଭାପତି ଅର୍ଜୁନ ମୁର୍ମୁ ଗଣମାଧ୍ୟମକୁ କହିଛନ୍ତି । ପ୍ରତିନିଧି ଦଳରେ ଉପସଭାପତି ରଘୁନାଥ ମୁର୍ମୁ, ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ସହସମ୍ପାଦକ କୁନୁ ମୁର୍ମୁ, ନଗର ସଭାପତି ସୟ ଟୁଡୁ, ବାରିପଦା ଉପଖଣ୍ଡ ସଭାପତି ସମୀର ଟୁଡୁ, ଶୁକୁଲାଲ ମାର୍ଣ୍ଡି, ଦୋଳଗୋବିନ୍ଦ ସିଂ ପ୍ରମୁଖ ସାମିଲ ଥିଲେ।

## ବାରିପଦାରେ ଲୁଟେରାଙ୍କ ରାଜ୍

# ଦିନ ଦ୍ୱିପ୍ରହରରେ ବରିଷ୍ଠ ନାଗରିକଙ୍କଠାରୁ ଲୁଟ୍

**ବାରିପଦା ଅଫିସ,୬।୬**

ବାରିପଦା ସହରରେ କିଛିଦିନ ହେବ ଲୁଟେରାଙ୍କ ଉପଦ୍ରବ ପୁଣି ବଢ଼ିବାରେ ଲାଗିଛି। ଜନଗହଳିପୂର୍ଣ୍ଣ ରାସ୍ତାରେ ବରିଷ୍ଠ ନାଗରିକଙ୍କ ସମେତ ପଥଚାରୀଙ୍କଠାରୁ ଚତୁରତାର ସହ ଟଙ୍କା, ସୁନା ଅଳଙ୍କାର ଆଦି ସେମାନେ ଲୁଟିନେଇ ଚମ୍ପଟ ମାରୁଛନ୍ତି । ପୋଲିସ ଲୁଟେରା ଗ୍ୟାଙ୍ଗ୍‌ର କିଛି ଟେର୍ ପାଉନାହିଁ । ଗୁରୁବାର ବାରିପଦା ସହରର ବରିଷ୍ଠ ନାଗରିକ ସୁଧାଂଶୁ କୁମାର ଆଚାର୍ଯ୍ୟ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ବ୍ୟାଙ୍କରୁ ପେନ୍‌ସନ ଟଙ୍କା ଉଠାଇ ଫେରୁଥିବା ବେଳେ ତାଙ୍କଠାରୁ ୧୯ ହଜାର ଟଙ୍କା ଲୁଟି ନିଆଯାଇଛି। ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ କିଛି ପାଉଡର ଫୋପାଡି ଏଭଳି ଲୁଟ୍‌ତରାଜ ଘଟାଇଛନ୍ତି। ଅଭିଯୋଗ ପାଇ ପୋଲିସ ତନାଘନା ଚଳାଇଥିଲେ ମଧ ଲୁଟେରାଙ୍କ ପତ୍ତା ପାଇପାରିନାହିଁ ।

ବରିଷ୍ଠ ନାଗରିକ ସୁଧାଂଶୁ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଗୁରୁବାର ମଧ୍ୟାହ୍ନ ୧୨ଟା ବେଳେ ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟ ବ୍ୟାଙ୍କରୁ ୧୯ ହଜାର ଟଙ୍କା ଉଠାଇ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ଟଙ୍କାକୁ ସେ ବ୍ୟାଗରେ ପୂରାଇ ମୋଟରସାଇକେଲରେ ଟାଙ୍ଗିଥିଲେ। ପୂର୍ବରୁ ଏହି ବ୍ୟାଗ୍‌ରେ ଆଉ ୩ ହଜାର ଟଙ୍କା ରହିଥିଲା। ବ୍ୟାଙ୍କ ସମ୍ମୁଖରୁ ବାହାରି ସେ ମୁଖ୍ୟରାସ୍ତାରେ ଆସୁଥିବା ବେଳେ ତାଙ୍କ ଅଜାଣତରେ ଜଣେ ଯୁବକ ତାଙ୍କ ଉପରକୁ କିଛି ପାଉଡର ଫୋପାଡିଥିଲେ। ଏହା ଦେହରେ ପଡ଼ି ଜଳାପୋଡ଼ା କରିବାରୁ ସେ ବାଇକ୍ ଅଟକାଇଥିଲେ। ସେଠାରେ ଥିବା ଯୁବକ ତାଙ୍କୁ ନିକଟସ୍ଥ ଦୋକାନ ସମ୍ମୁଖରେ ପାଣି ଦେହରେ ଛିଞ୍ଚି ହେବାକୁ କହିଥିଲେ। ଆଚାର୍ଯ୍ୟ ଗାଡ଼ି ରଖି ପାଣି ଛିଞ୍ଚି ହେଉଥିବା ବେଳେ ଗାଡିରେ ଥିବା ଟଙ୍କା ବ୍ୟାଗ୍‌କୁ ଧରି ଯୁବକ ଫେରାର ହୋଇଯାଇଥିଲେ। ପରେ ଟଙ୍କା ବ୍ୟାଗ୍ ନ ଥିବା ଦେଖି ସେ ସମ୍ପର୍କୀୟଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ତାଙ୍କୁ ତୁରନ୍ତ ବାରିପଦା ପିଆରଏମ୍ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଏହାପରେ ଲୁଟ୍ ଘଟଣା ନେଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ସେଠାରେ ଥିବା ଦୋକାନଗୁଡିକର ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ସହରରେ ଚୋରି ଓ ଲୁଟ୍ ଘଟଣା ବୃଦ୍ଧି ପାଉଥିବାରୁ ଜିଲା ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

# କୁଡୁମୀ ସୁରକ୍ଷା ମଞ୍ଚ ପକ୍ଷରୁ ଜାତୀୟ ରାଜପଥ ଅବରୋଧ



ମୋରଡା ତହସିଲଦାରଙ୍କୁ ମଞ୍ଚର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

**ବାରିପଦା ଅଫିସ,୬।୬**

## ଦାନ୍ତିଆମୁହାଁ ଛକଠାରେ ଗଳାପୋଲ ନିର୍ମାଣ ଦାବି

ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ଦାନ୍ତିଆମୁହାଁ ଛକରେ ଏକ ଗଳାପୋଲ ନିର୍ମାଣ ଲାଗି ଦାବି କରି କୁଡୁମୀ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ସକାଳ ୭ରୁ କୁଣ୍ଡେଇ ଛକଠାରେ ଜାତୀୟ ରାଜପଥକୁ ଅବରୋଧ କରାଯିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ମୋରଡା ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସକାଳ ୯ ଟା ୩୦ ବେଳେ ରାସ୍ତାରୋକୋ ହଟିଥିଲା। ଏହି ଅବସରରେ ମଞ୍ଚ ପକ୍ଷରୁ ମୋରଡା ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ମଞ୍ଚର ସଭାପତି ଦୀନକୃଷ୍ଣ ମହାନ୍ତ କହିଛନ୍ତି ଯେ, ଖାରପୋଖରିଆ-ବାରିପଦା-ବାଲେଶ୍ୱରକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥକୁ ୪ ଲାଇନବିଶିଷ୍ଟ କରାଯାଉଛି। ଗୋଟିଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ଯାତାୟତ ସୁବିଧା କରିବା ଲାଗି ସବାଇଘାସ ଓ ଦଉଡି ଏବଂ ଶାଳପତ୍ରର ବ୍ୟବସାୟିକ ପେଣ୍ଠସ୍ଥଳୀ ଦାନ୍ତିଆମୁହାଁ ଛକଠାରେ ଏକ ଗଳାପୋଲ ନିର୍ମାଣ କରାଯିବା ସକାଶେ ସୁରକ୍ଷା ମଞ୍ଚ ବହୁ ଦିନରୁ ଦାବି କରି ଆସୁଛି। ପ୍ରଶାସନ ଏହାକୁ ଅଣଦେଖା କରିବାରୁ ପ୍ରତିବାଦରେ ରାସ୍ତାରୋକୋ କରାଯାଇଥିଲା। ପ୍ରତିଦିନ ଏହି ଛକ ଦେଇ ମୋରଡା, ରାସଗୋବିନ୍ଦପୁର, ଶୁଳିଆପଦା ସହିତ ଉତ୍ତର ବାଲେଶ୍ୱର ଓ ପଶ୍ଚିମ ମେଦିନାପୁର ଅଞ୍ଚଳର ହଜାର ହଜାର ଲୋକେ ଯାତାୟାତ କରୁଥିବାରୁ ଛୋଟବଡ ଦୁର୍ଘଟଣା ହେଉଛି। ସେଠାରେ ଗଳା ପୋଲ ନିର୍ମାଣହେଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ। ଏହି ରାସ୍ତାରୋକୋ ଆନ୍ଦୋଳନରେ ମଞ୍ଚର ଅନ୍ୟକର୍ମକର୍ତ୍ତା ସାମିଲ ଥିଲେ।

## ରଜ ପାଇଁ କବିତା ପାଠ

**ବଡ଼ସାହି,୬।୬(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଇକୋ କ୍ଲବ, ଓଡିଆ ଲେଖକ ପରିଷଦ ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟସଂସ୍ଥାନ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ପୂର୍ବାହ୍ନରେ ଇକୋକ୍ଲବର ସବୁଜ ସାଥୀମାନେ ବାଣୀମନ୍ଦିରରେ ଭାରତମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ବଡସାହି ବନପାଳ ପ୍ରଦୀପ କୁମାର ଦେହୁରୀ ଯୋଗଦାନ କରି ବୃକ୍ଷରୋପଣ କରିଥିଲେ । ଅପରାହ୍ନରେ "ବନସ୍ତେ ଡାକିଲା ଗଜ-ଆସ ଗଛ ଲଗାଇବା-ଆସିଛି ରଜ"ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବାଣୀପୀଠର ଉପସଭାପତି ରତ୍ନାକର ପୁହାଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଲିଙ୍ଗରାଜ ନାୟକ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ମନୋରଞ୍ଜନ ବେହେରା ଓ ସମ୍ମାନନୀୟ ଅତିଥି ଭାବେ ରଣଜିତ୍ କୁମାର ଦାସ, ବସନ୍ତ କୁମାର ମହାପାତ୍ର, ପ୍ରଭଞ୍ଜନ ମହାପାତ୍ର ଓ ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କବି ସ୍ନେହାଶିଷ ମହାନ୍ତି ଓ କବି ଶିବଶଙ୍କର ଭୂୟାଁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡା. କୁମାର ବାବୁଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ଦେଇଥିଲେ।

# 'ଉଚ୍ଚତର ଭାବନା ହିତ ସାଧନ କରେ'



ଅତିଥି ବୃନ୍ଦ ଏବଂ ସମ୍ମାନିତ ହୋଇଥିବା ପ୍ରତିଭା।

**ବାରିପଦା ଅଫିସ,୬।୬**

- ଜିଲାସ୍ତରୀୟ ନାରଦ ଜୟନ୍ତୀ ସମାରୋହ
- ୩ ଖବରଦାତା, ଜଣେ ବିତରକ ସମ୍ମାନିତ

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ସ୍ତରୀୟ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଜିଲା ସାଧାରଣ ସମ୍ପାଦକ ବିଶେଶ୍ୱର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ଯୋଗଦେଇଥିଲେ। ବରିଷ୍ଠ ସ୍ତମ୍ଭକାର ଡ.ସଦାନନ୍ଦ ଦୀକ୍ଷିତ ମୁଖ୍ୟ ବକ୍ତା ଏବଂ ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ଡ.ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତଥିଭାବେ ଯୋଗ ଦେଇଥିଲେ। ସମାଜରେ ଉଚ୍ଚତର ଭାବନା ସୃଷ୍ଟି କରିବାରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ନିର୍ଭୀକ ଏବଂ ନିର୍ଲୋଭ ହୋଇ ଲେଖା ମାଧ୍ୟମରେ ଲୋକଙ୍କ ନିକଟରେ ମାନବିକତାର ବାର୍ତ୍ତା ପହଞ୍ଚାବା ଦରକାର ବୋଲି ଅତିଥିମାନେ କହିଥଲେ। ଏହି ଅବସରରେ 'ରାଷ୍ଟ୍ର ହିତରେ କଲମ' ଶୀର୍ଷକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ଲାଗି ଖବରଦାତା ମାନିକଲାଲ ପାଣିଙ୍କୁ ନାରଦ ସମ୍ମାନ, ବିମଳେନ୍ଦୁ ମହାପାତ୍ରଙ୍କୁ ଅମରେନ୍ଦ୍ର ଲାଲ ବୋଷ ସ୍ମୃତି ସମ୍ମାନ, ବିନ୍ଦୁସାଗର ଦାଶଙ୍କୁ ମଳୟ ମହାନ୍ତ ସ୍ମୃତି ସମ୍ମାନ ଏବଂ ଖବରକାଗଜ ବିତରକ ସତ୍ୟନାରାୟଣ ମହତଙ୍କୁ ସ୍ୱତନ୍ତ୍ର ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ବିଶ୍ୱ ସମ୍ବାଦ କେନ୍ଦ୍ର ମୟୂରଭଞ୍ଜ ଶାଖାର ଜିଲା ସଂଯୋଜକ ତପନ କୁମାର ପତି ମଞ୍ଚ ପରିଚାଳନା କରିଥିଲେ। ଖବରଦାତା ଦୀପକ କୁମାର ନାୟକ ମାନପତ୍ର ପାଠ କରିଥିଲେ। ଶେଷରେ କମିଟିର ଆବାହକ ଲିଙ୍ଗରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଖବରଦାତା, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜିବିମାନେ ଏଥିରେ ଯୋଗଦେଇଥିଲେ। ନାରଦ ଜୟନ୍ତୀ ପାଳନ କମିଟି, ବିଶ୍ୱ ସମ୍ବାଦ କେନ୍ଦ୍ର ମୟୂରଭଞ୍ଜକଜ ଜିଲା ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଯୋଗାଣ ବିଭାଗରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

**ବାରିପଦା ଅଫିସ,୬।୬**

ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୟୂରଭଞ୍ଜ ଜିଲା ଯାଗାଣ ବିଭାଗରେ ପିଡିଏସ୍ ଲେଭଲ-୨ ପରିବହନ ଠିକାଦାର ନିଯୁକ୍ତି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଓ ଟେଣ୍ଡର ଫିକ୍ସିଂ ହୋଇଥିବା ଭାଜପା ପକ୍ଷରୁ ଜିଲାପାଳ ବିନିତ ଭରଦ୍ୱାଜଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତଦନ୍ତ କରି ଏହି ଟେଣ୍ଡରକୁ ବାତିଲ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ଭାଜପା ଜିଲା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି ଯେ, ଜିଲାର ୨୬ ବ୍ଲକ ଏବଂ ୪ଟି ଏନ୍‌ଏସିରେ ଲେଭଲ-୨ ପରିବହନ ଠିକାଦାର ନିଯୁକ୍ତି ଲାଗି ପ୍ରତି ଦୁଇବର୍ଷରେ ଥରେ ଟେଣ୍ଡର ଡକାଯାଇଥାଏ। ପ୍ରତିଥର ୧୫୦ରୁ ୨୦୦ ଟେଣ୍ଡର ପେପର ଗ୍ରହଣ କରାଯାଇଥାଏ। କିନ୍ତୁ ଏବର୍ଷ ନିର୍ବାଚନ ପୂର୍ବରୁ କାରସାଦି କରାଯାଇ ନାମକୁମାତ୍ର ଟେଣ୍ଡର ଡକାଯାଇଥିବାରୁ ୫୦ରୁ କମ୍ ଟେଣ୍ଡର ପେପର ପଡ଼ିଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ସାନି ଟେଣ୍ଡର ଡାକିବାକୁ ଭାଜପା ଜିଲା ସଭାପତି ଦାବି କରିଛନ୍ତି।

# ବ୍ଲକ, ଡାକ୍ତରଖାନା ସମସ୍ୟା ନେଇ ଆଲୋଚନା କଲେ ବିଧାୟକ

**ବଡ଼ସାହି,୬।୬(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାରେ ନବ ନିର୍ବାଚିତ ବଡ଼ସାହି ବିଧାୟକ ସନାତନ ବିଜୁଳୀ ଗୁରୁବାର ବଡସାହି ଅଞ୍ଚଳ ଗସ୍ତରେ ଆସିଥିଲେ। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଧାୟକ ବ୍ଲକରେ ଚାଲିଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳାଭାବ ସମସ୍ୟାର ତୁରନ୍ତ ପ୍ରତିକାର କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ପରେ ବିଧାୟକ ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ରୋଗୀଙ୍କୁ ପଚାରି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କଥା ବୁଝି ଭାରପ୍ରାପ୍ତ ଚିକିତ୍ସାଧିକାରୀ ସଞ୍ଜୀବ କୁମାର ବଇତାଇଙ୍କ ସହିତ ଡାକ୍ତର ଅଭାବ ଭଳି ସମସ୍ୟା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ସୁନୀଲ କୁମାର ଦାଶ, ବଡ଼ସାହି ମଣ୍ଡଳ ସଭାପତି ବିଭୂତି ଭୂଷଣ ମହାନ୍ତ, ମାଣଡ୍ରୀ ମଣ୍ଡଳ ସଭାପତି ଅଭୟ ମହାପାତ୍ର, ବ୍ରଜ ମୋହନ ବେହେରା, ଶଶିଶେଖର ପଣ୍ଡା, ଭବାନୀ ଶଙ୍କର ସାହୁ, ଦୀପକ ବାରିକ, ଦିଲ୍ଲୀପ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ସନାତନ ବିଜୁଳି ରୋଗୀଙ୍କ ସହ ଆଲୋଚନା କରୁଛନ୍ତି।

# ନଦୀ ଅବବାହିକାରେ ଜଳକଷ୍ଟ

**କପ୍ତିପଦା, ୬।୬(ଡି.ଏନ୍.ଏ.)**



ସୋନ ନଦୀରେ ପାଣି ନାହିଁ।

- ଶୁଖିଲା ପଡ଼ିଛି କୁଶଭଦ୍ରା, ସୋନ ନଦୀ
- କାଳ ଓ ସୁନେଇସେଚ ପ୍ରକଳ୍ପରେ ଜଳସ୍ତର ହ୍ରାସ
- ଭୂତଳ ଜଳସ୍ତର କମିବାରୁ ନଳକୂପରୁ ବାହାରୁନି ପାଣି

ବର୍ଷା ଓ ବନ୍ୟାଜଳକୁ ସଂରକ୍ଷିତ କରି ରଖାଯାଇପାରୁ ନ ଥିବାରୁ ଶିମିଳିପାଳ ଅଭୟାରଣ୍ୟ ସନ୍ନିକଟ ବଣପାହାଡ଼ଘେରା ମୟୂରଭଞ୍ଜ ଜିଲାର କପ୍ତିପଦା ଅଞ୍ଚଳରେ ଜଳକଷ୍ଟ ବଢ଼ିବାରେ ଲାଗିଛି। ଏହି ଅଞ୍ଚଳ ଦେଇ ପ୍ରବାହିତ କୁଶଭଦ୍ରା ଓ ସୋନ ନଦୀ ଏବେ ଶୁଖିଲା ପଡିଛି। କାଳ ଓ ସୁନେଇ ପରି ଦୁଇଟି ମଧ୍ୟମ ଜଳସେଚନ ପ୍ରକଳ୍ପର ଜଳସ୍ତର ମଧ ନିମ୍ନରେ ରହିଛି । ଲୋକେ ୨ରୁ ୩ କି.ମି. ଦୂର ଯାଇ ପାଣି ସଂଗ୍ରହ କରି ଆଣୁଥିବା ବେଳେ କେତେକ ନଇନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଯାଉଛି। ନଦୀଜଳ ଉପରେ ନିର୍ଭର କରି ଚଳୁଥିବା ତଟବର୍ତ୍ତୀ ଇଲାକାର ଲୋକଙ୍କ ଜଳକଷ୍ଟ ଏଥର ସୀମା ଟପିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁ କୂଅ, ନଳକୂଅରୁ ଯଥେଷ୍ଟ ପାଣି ବାହାରୁନାହିଁ। କେତେକ ସ୍ଥାନରେ ନଳକୂଅରୁ ଲୁହାଗୁଣ୍ଡମିଶା ପାଣି ବାହାରୁଥିବାରୁ ତାହାକୁ ବ୍ୟବହାର କରାଯାଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ମୟୂରଭଞ୍ଜ ଜିଲାର କପ୍ତିପଦା ବ୍ଲକ୍‌ର ୨୬ ପଞ୍ଚାୟତ ଅଧୀନରେ ୧୪୭ ରାଜସ୍ୱ ଗ୍ରାମ ରହିଛି। ଅଧିକାଂଶ ପଞ୍ଚାୟତ ଶିମିଳିପାଳ ଅଭୟାରଣ୍ୟକୁ ଲାଗି ରହିଛି। ପ୍ରତିବର୍ଷ ଖରାଦିନ ଆସିଲେ ଲୋକେ ପିଇବା ପାଣି ଲାଗି ଡହଳବିକଳ ହୋଇଥାନ୍ତି। ଶରତ, ନୋଟ, ଲାବଣ୍ୟଦେଇପୁର, ଶରଡ଼ିହା, ଦେବାନବାହାଳି, ଚକ୍ରଧରପୁର, ମାଙ୍କଡ଼ପଡ଼ା, ରାମଚନ୍ଦ୍ରପୁର, କଳମଗଡ଼ିଆ, ପଦ୍ମପୋଖରୀ ପଞ୍ଚାୟତରେ ଏବେ ଜଳାଭାବ ଗୁରୁତର ରୂପ ନେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସବୁ ଅଞ୍ଚଳରେ ଅଧିକାଂଶ କୂଅ, ନଳକୂଅ ଏକପ୍ରକାର ପରିତ୍ୟକ୍ତ ହୋଇ ପଡ଼ିରହିଛି। ପୂର୍ବରୁ ଉକ୍ତ ବ୍ଲକ୍ ଅଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଖୋଳାଯାଇଥିବା ଶତାଧିକ ଫାର୍ମପଣ୍ଡ ଗତ ମାର୍ଚ୍ଚ ମାସରୁ ଶୁଖିଲା ପଡିଥିବା ଗ୍ରାମବାସୀ କହିଛନ୍ତି। ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଲାଗି ଉପଯୁକ୍ତ ଯୋଜନା ହେବା ଦରକାର ବୋଲି କଳମଗଡିଆର ପୂର୍ବତନ ସରପଞ୍ଚ ବୃନ୍ଦାବନ ପଧୁରିଆ ଏବଂ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, କପ୍ତିପଦା ବ୍ଲକ୍‌ର ଜଳକ୍ଲିଷ୍ଟ ଅଞ୍ଚଳରେ ପୂର୍ବରୁ ୧୮୦୦ ପାଖାପାଖି ନଳକୂପ ଖୋଳାଯାଇଛି। ଯେଉଁଠି ଏବେ ଜଳାଭାବ ଦେଖାଦେଇଛି, ସେଠାକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ପଦକ୍ଷେପ ନିଆଯାଇଛି । ଏଥିସହ ଅଚଳ ନଳକୂପର ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର କରିବା ଲାଗି ପଞ୍ଚାୟତକୁ ମଧ କୁହାଯାଇଛି।

## ଆଜି କ'ଣ କେଉଁଠି

ପ୍ରଥମ ଓଡିଶା ଗ୍ରାମ୍ୟ ମେଳା–୨୦୧୯
ସ୍ଥାନ– ହନୁମାନ ମନ୍ଦିର ପଡିଆ
ଉଦ୍‌ଘାଟନ– ସନ୍ଧ୍ୟା ୭ଟା୩୦ ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

**ବଡବିଲ, ୬।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପାଲହଟିଂ ନିକଟରେ ବୁଧବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ସ୍ଥଳ ଅନ୍ଧାରିଆ ହୋଇଥିବାରୁ ଦୁର୍ଘଟଣା ଘଟାଇ ଗାଡିଟି ପଳାୟନ କରିବାରେ ସକ୍ଷମ ହୋଇଥିବାରୁ ସେଠାରେ ଆଲୋକୀକରଣ ନିମନ୍ତେ ସ୍ଥାନୀୟ ଲୋକେ ଦାବୀ କରି କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

### ପଞ୍ଚାୟତ ସମିତି ବୈଠକ

**କେନ୍ଦୁଝର, ୬।୬(ସ୍ୱ.ପ୍ର./ଡି.ଏନ.ଏ.):** ପଞ୍ଚାୟତ ସମିତି ସଦର କେନ୍ଦୁଝରର ସାଧାରଣ ବୈଠକ ଗୁରୁବାର ସମିତି ଅଧକ୍ଷା ଲତିକା ଦେହୁରୀଙ୍କ ଅଧକ୍ଷତାରେ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକ ଏହାର ସଂଯୋଜନା କରିଥିଲେ । ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମସ୍ତ ଜିଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ ତଥା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟତଃ ମହିଳା ଶିଶୁ ବିକାଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଶୁକ୍ରବାର ହେବାକୁ ଥିବା ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ପ୍ରାୟୋଜିତ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ପରାମର୍ଶ ଶିବିର ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

### ମରୈଗାଁରେ ରଜ ମହୋତ୍ସବ ପ୍ରସ୍ତୁତି

**ବଉଳା, ୬।୬ (ଡି.ଏନ.ଏ.)**– ହାଟଡିହୀ ବ୍ଲକ ମରୈଗାଁରେ ରଜ ମହୋତ୍ସବ ପାଇଁ ସତ୍ୟସାଇ ଯୁବକ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ଏହି ରଜ ମହୋତ୍ସବ ପାରମ୍ପରିକ ନୀତିରେ ବେଶ୍ ଧୁମ୍‌ଧାମରେ ପାଳନ ହୋଇଆସୁଛି। ଏଠାକାର ଅଞ୍ଚଳରେ ଏହି ମହୋତ୍ସବ ସମସ୍ତଙ୍କୁ ଏକାଠି କରାଇଥିବା ବେଳେ ଦୀର୍ଘ ତିନିଦିନ ଧରି ମହାଆଡ଼ମ୍ବରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ବୈଠକରେ ସଭାପତି ପ୍ରଦୀପ ଦାଶ, ସମ୍ପାଦକ ଶରତ ସେଠୀ, ଉପସଭାପତି ଶଶୀ ଶେଖର ଦାସ, ଶଶୀ ଶେଖର ସେଠୀ, ଭାଗବତ ଜେନା, ପ୍ରକାଶ ଜେନା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ରଜ ଉତ୍ସବକୁ କିଭଳି ସରସ ସୁନ୍ଦର କରାଯିବ, ସେଥିପାଇଁ ଆଲୋଚନା ହୋଇଥିଲା।

### ୩୦ଫୁଟ ତଳକୁ ଓଲଟିଲା ଟ୍ରକ୍

**ତେଲକୋଇ, ୬।୬(ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ଖୁଣ୍ଟାପଡା ପୋଲ ଉପରୁ ଗୁରୁବାର ସକାଳୁ ୩୦ଫୁଟ ତଳକୁ ଏକ ୧୦ଚକିଆ ଟ୍ରକ ଓଲଟି ପଡ଼ିଥିଲା। ଟ୍ରକଟି ଶୁଆକାଟି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଲା। ଏଥିରେ ଟ୍ରକ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

■ ବୈତରଣୀ ନଦୀ ସେତୁରୁ ବେରିଂ ଖସିବା ଘଟଣା

# ବର୍ଷେ ପରେ ବି ବିଳମ୍ବ ମରାମତି



ବେରିଂ ଖସି ଦବିଥିବା ସ୍ଥାନରେ ବାଲିବସ୍ତା ରଖାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି।

**ଆନନ୍ଦପୁର,୬।୬(ସ୍ୱ.ପ୍ର.)**

ଆନନ୍ଦପୁର ବୈତରଣୀ ନଦୀ ସେତୁକୁ ଦଇବ ସାହା। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ସେତୁର ଏକ ପିଲାରରୁ ୨୦୧୮ ଜୁଲାଇ ୬ ତାରିଖରେ ଏକ ବେରିଂ ଖସିଥିବା ଘଟଣା ଦୃଷ୍ଟିକୁ ଆସିଥିଲା। ଏହି ବେରିଂ କେବେ ଖସିଥିଲା ତାହା ସ୍ପଷ୍ଟ ଭାବେ ଜଣାପଡି ନ ଥିଲେ ମଧ୍ୟ ସ୍ଥାନୀୟ କେତେକ ଯୁବକ ଏହା ଦେଖି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାର ପ୍ରଭାବରେ ପିଲାରର ଗୋଟିଏ ପାର୍ଶ୍ୱ ଦବି ବିପଦସଙ୍କୁଳ ଅବସ୍ଥାରେ ରହିଆସିଛି। ହେଲେ ଏହାର ଜରୁରୀ ମରାମତି ଦିଗରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇପାରିନି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଏହି ଖବର ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଇବା ପରେ ବିଭାଗ ତରଫରୁ ପିଲାରର ବେରିଂ ଖସିଥିବା ସ୍ଥାନରେ କାଠଗୋଲା ଦିଆଯାଇ ସାମୟିକ ଭାବେ ମରାମତି କରାଯାଇଥିଲା। ଏହାସହିତ ବିଭାଗୀୟ ବରିଷ୍ଠ ଇଞ୍ଜିନିୟରମାନେ ପିଲାରକୁ ଅନୁଧ୍ୟାନ କରିବା ଏବଂ ସେତୁ ନିର୍ମାଣରେ ଅଭିଜ୍ଞ ଥିବା ଠିକାସଂସ୍ଥା ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପରେ ଏକ ଠିକାସଂସ୍ଥା ପକ୍ଷରୁ ବେରିଂ ଖସିଥିବା ପିଲାର ସ୍ଥାନରେ ମରାମତି ପାଇଁ ସାମୂହିକ କାର୍ଯ୍ୟ ଆରମ୍ଭ କରିଥିବାବେଳେ ବେରିଂ ଲଗାଯିବାରେ ବିଳମ୍ବ ଘଟୁଛି, ଯାହାକୁ ନେଇ ସେତୁର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସେତୁ ମରାମତିରେ ବିଳମ୍ବ ଅନ୍ୟପଟେ ସେତୁ ଉପରେ ଦବିଥିବା ସ୍ଥାନରେ ବାଲିବସ୍ତା ରଖାଯାଇ ବିଭାଗ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣରେ ବ୍ୟସ୍ତ। ବାଲିବସ୍ତା ରହିଥିବା ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ଭଳି ଘଟଣା ଘଟିଚାଲିଥିଲେ ସୁଦ୍ଧା ସେତୁ ମରାମତି ଦିଗରେ ଧ୍ୟାନ ଦିଆଯାଉନାହିଁ। କିଛିଦିନ ପୂର୍ବରୁ ଆନନ୍ଦପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ସମୀର କୁମାର ଅଧିକାରୀଙ୍କୁ ଏ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ କହିଥିଲେ ଯେ, ସେତୁ ମରାମତି ସମୟରେ ସେତୁ ଉପରେ ଭାରିଯାନ ଚଳାଚଳକୁ କିଛି ଦିନ ପାଇଁ ବନ୍ଦ କରାଯାଇ ମରାମତି କରାଯିବ। ନିର୍ବାଚନ ସମୟ ଥିବାରୁ ଏହା ସମ୍ଭବପର ନୁହେଁ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମତ ଦେଇଥିଲେ। ଏବେ ନିର୍ବାଚନ ଶେଷ ହୋଇ ଶପଥ ପାଠ ଉତ୍ସବ ମଧ୍ୟ ଶେଷହେଲାଣି, କିନ୍ତୁ ସେତୁ ମରାମତି ଦିଗରେ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦୃଷ୍ଟିକୁ ଆସିଛି। ଆଉ କିଛିଦିନ ପରେ ମୌସୁମୀ ଆଗମନରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇବ, ଯାହା ମରାମତି କାର୍ଯ୍ୟରେ ମୁଖ୍ୟ ବାଧକ ସାଜିବ। ବିଭାଗ ତରଫରୁ କାର୍ଯ୍ୟର ବିଳମ୍ବତାକୁ ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ଚିନ୍ତା କରୁଛନ୍ତି।

# ପାଟଣା: ଏମ୍‌ପି ଚନ୍ଦ୍ରାଣୀ, ବିଧାୟକ ଜଗନ୍ନାଥଙ୍କୁ ସମ୍ବର୍ଦ୍ଧନା



ପାଟଣା ବିଧାୟକ ଜଗନ୍ନାଥ, ଏମପି ଚନ୍ଦ୍ରାଣୀଙ୍କୁ ପାଟଣାରେ ସମ୍ବର୍ଦ୍ଧନା ଦିଆଯାଉଛି।

**ପାଟଣା, ୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକରେ ପାଟଣା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ଜଗନ୍ନାଥ ନାଏକ ଓ କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଗୁରୁବାର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ବିଧାୟକ ଓ ଏମପି ନିର୍ବାଚିତ ହେବା ପରେ ଏହା ତାଙ୍କର ପ୍ରଥମ ପାଟଣା ଗସ୍ତ ଥିଲା। ଗୁରୁବାର ସକାଳୁ ପାଟଣା ବ୍ଲକର ଖିରେଇଟାଙ୍ଗିରୀଠାରୁ ବିଧାୟକ ଓ ଏମପି ବାହାରି ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କଲା ପରେ ପାଟଣା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପାଟଣା ବ୍ଲକ ସଭାଗୃହରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସକାଶେ ଏକ ସଭା ଆୟୋଜିତ ହୋଇଥିଲା। ବ୍ଲକ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନୂତନ ବ୍ଲକ ଅଧକ୍ଷା ଦାୟିତ୍ୱ ନେଇଥିବା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ପ୍ରଫୁଲ୍ଲ ନାଏକ, ବିଜେଡି ବ୍ଲକ ସଭାପତି ତଥା ସାମାଜିକ କର୍ମୀ ମାଧବାନନ୍ଦ ପୃଷ୍ଟି, ବିଜେଡିର ବରିଷ୍ଠ ନେତା ମିତ୍ରଭାନୁ ମହାନ୍ତ, କରୁଣା ସାଗର ଖଟୁଆ, ନବକିଶୋର ପୃଷ୍ଟି, ପ୍ରଶାନ୍ତ ଭଞ୍ଜ, ଭାମାମଣି ଦାସ ଓ ସଞ୍ଜିତ ଚକ୍ର, ସମସ୍ତ ଜିଲାପରିଷଦ ସଭ୍ୟ, ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କ ତରଫରୁ ନବନିର୍ବାଚିତ ବିଧାୟକ ଜଗନ୍ନାଥ ନାଏକ ଓ ଏମପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ପାଟଣା ବ୍ଲକ କାର୍ଯ୍ୟାଳୟରୁ ଉଭୟ ନେତା ଏକ ରୋଡ ଶୋରେ ବଜାର ପରିକ୍ରମା କରିବା ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନୁରୂପ ଭାବେ ଗୁରୁବାର ଅପରାହ୍ନରେ ସାହାରପଡା ହାଟ ପଡ଼ିଆଠାରେ ବିଧାୟକ ଓ ଏମପିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ

**ଯୋଡ଼ା, ୬।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ପୌରପାଳିକା ସଭା ଗୃହ ଠାରେ ବୁଧବାର ସନ୍ଧ୍ୟା ୬ଟାରେ ଯୋଡା ସହରରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପୌରକର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଢୀଯୋଶୀ ଉପସ୍ଥିତ ରହି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦିଆଯାଇଥିବା ବିଭିନ୍ନ ଦିଗ ଉପରେ ମୁଖ୍ୟ ଶାସନ ସଚିବ ଦେଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ବିସ୍ତୃତ ସୂଚନା ଦେଇଥିଲେ। ଲୋକଙ୍କୁ ସଚେତନତା ପାଇଁ ୩ ଜଣ ନୋଡାଲ ଅଫିସର ଓ ପ୍ରତି ୱାର୍ଡ ରେ ଜଣେ କର୍ମଚାରୀ ନିୟୋଜିତ କରାଯାଇଛି। ପ୍ରତ୍ୟେକ ସାହି, ହଟିଂ ଗୁଡିକରେ ମଇଳା ଆବର୍ଜନା ଘର ବାହାରେ ନ ପକାଇବା ପାଇଁ ପୌର କର୍ମଚାରୀ ମାନେ ସଚେତନତା ସୃଷ୍ଟି କିପରି କରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଯୋଡା ପୌରପାଳିକାର ପ୍ରତି ୱାର୍ଡରେ କିପରି ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ଗୁଡିକୁ ପ୍ରତ୍ୟେକ ଘରେ ଡଷ୍ଟବିନ୍‌ରେ ରଖିବା ପରେ ଘରକୁ ଘର ବୁଲୁଥିବା ବର୍ଜ୍ୟବସ୍ତୁ ବୁହା ଗାଡିରେ ଦେବା ପାଇଁ ଲୋକଙ୍କୁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା ଏଣିକି ଯୋଡା ସହରରେ ବର୍ଜ୍ୟବସ୍ତୁକୁ ଜମା କରିବା ପାଇଁ ବିଭିନ୍ନ ସ୍ଥାନରେ କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଖୁବ ଶୀଘ୍ର ବାରୁ ହଟିଂ ଠାରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି କୁହାଯାଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ କୁ ପାଳନ କରିବା ଓ ଏଥିରେ ଖିଲାପ କଲେ ଜରିମାନା ବ୍ୟବସ୍ଥା ରହିଥିବାରୁ ବିଭିନ୍ନ ୱାର୍ଡରେ କିପରି ଏ ନେଇ ସଚେତନତା କରାଯିବ ସେ ନେଇ କର୍ମଚାରୀଙ୍କୁ ବିଭିନ୍ନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା।

## ବେଆଇନ ବାଲି ଚାଲାଣ: ଜରିମାନା ଆଦାୟ ବେଳେ ଆକ୍ରମଣ

**ପାଟଣା,୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଧିନ କିଆପଡା ବାଲିଘାଟରୁ ଗୁରୁବାର ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ବେଳେ କେନ୍ଦେଇପଶି ପେଟ୍ରୋଲ ପମ୍ପ ନିକଟରେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁ ଏକ ବାଲିବୋଝେଇ ଡମ୍ପର ଓ ଏକ ହାଇୱାକୁ ଅଟକାଇଥିଲେ। ଉକ୍ତ ଗାଡିରୁ ତହସିଲଦାର ଜରିମାନା ଆଦାୟ କରୁଥିବାବେଳେ ବାଲି ଚାଲାଣରେ ସମ୍ପୃକ୍ତ ମାଫିଆ ପହଞ୍ଚି ଆକ୍ରମଣ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଜଣେ ଆରଟିଆଇ କର୍ମୀ ଆକ୍ରମଣର ଶିକାର ହୋଇଥିବା ସୂଚନା ମିଳିଛି। ଏଥିନେଇ ଥାନାରେ ମାମଲା ରୁଜୁ ହୋଇ ନାହିଁ। ତେବେ ତହସିଲ ଓ ପୋଲିସ ବିଭାଗର ମିଳିତ ଚଢ଼ାଉ ହେଲେ ପାଟଣା ଅଞ୍ଚଳରେ ବେଆଇନ ବାଲି ଚାଲାଣ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସରିଲା ଗ୍ରୀଷ୍ମ ମହୋତ୍ସବ

**କେନ୍ଦୁଝର, ୬।୬(ଡି.ଏନ୍.ଏ.)**

ସ୍ଥାନୀୟ କାଳୀ ପଡ଼ିଆଠାରେ ଆୟୋଜିତ ଗ୍ରୀଷ୍ମ ମହୋତ୍ସବ ଓ ଜାତୀୟ ବାଣିଜ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଡ଼ ଭକ୍ତ ଚରଣ ପ୍ରଧାନ ଯୋଗ ଦେଇ ଏହି ମହୋତ୍ସବ କଳା ଓ ସଂସ୍କୃତିର ଆଦାନ ପ୍ରଦାନର ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଗ୍ରୀଷ୍ମ ମହୋତ୍ସବ ଓ ବାଣିଜ୍ୟ ମେଳା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଅନୁଷ୍ଠାନଗୁଡିକୁ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ଜିଲାରେ ବଢୁଛି ଅବାଧ ନିଶା କାରବାର

**କେନ୍ଦୁଝର, ୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଅବାଧ ନିଶା କାରବାର ଚାଲିଥିଲେ ହେଁ ଅବକାରୀ ଓ ପୋଲିସ ବିଭାଗ ଏହାକୁ ରୋକିପାରୁନାହିଁ। ଅନେକ ସମୟରେ ପୋଲିସ ବିଭାଗ ବେଆଇନ ମଦ କାରବାର ରୋକିବା ପାଇଁ ଚଢ଼ାଉ କରୁଥିଲେ ହେଁ ଅବକାରୀ ବିଭାଗ ଲୋକଦେଖାଣିଆ ଚଢ଼ାଉ କରି ଦାୟିତ୍ୱ ଶେଷ କରୁଥିବାରୁ ଏହି କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ମଦ ସାଙ୍ଗକୁ ଗଞ୍ଜେଇ, ବ୍ରାଉନ୍‌ସୁଗାର ଆଦି ନିଶା କାରବାର ଜୋର୍‌ସୋରରେ ଚାଲିଥିଲେ ହେଁ ଧରପଗଡ଼ କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି। ଏ ନେଇ ସଦର ବ୍ଲକ ଅନ୍ତର୍ଗତ ସେଣ୍ଡକାପ ଗ୍ରାମବାସୀ ଅବକାରୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଅବକାରୀ ବିଭାଗ ନିଦାବିଷ୍ଟ ହୋଇ ବସିଥିବାରୁ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେବାକୁ ବସିଛି । ଏପରି କି ସଦର ଥାନା ଅଞ୍ଚଳରେ ବ୍ରାଉନସୁଗାର ପୋଲିସ ଧରୁଥିଲେ ହେଁ ମାମଲା ରୁଜୁ ନ କରି ମଦ ମାମଲା ରୁଜୁକରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ନିଶା ନିବାରଣ ପାଇଁ ଲଢ଼େଇ କରୁଥିବା ମହିଳା ସଂଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ସେହିପରି ମଦ ବେପାରୀଙ୍କ ଆକ୍ରମଣରେ ସାଧାରଣ ନିରୀହ ଲୋକ ଆକ୍ରମଣର ଶିକାର ହେଉଥିଲେ ହେଁ ସୁରକ୍ଷା ମିଳୁ ନ ଥିବା କହିଛନ୍ତି। ସେଣ୍ଡକାପ ଗ୍ରାମ ଠାକୁରାଣୀ ଶାଳ ନିକଟରେ ଖୋଲାଖୋଲି ଭାବେ ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ଗଞ୍ଜେଇ ଓ ବ୍ରାଉନସୁଗାର କାରବାର କରୁଥିବା ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ହେଉଥିଲେ ହେଁ ଧରପଗଡ଼ କରାଯାଉ ନ ଥିବାରୁ ଅସନ୍ତୋଷ ଦାନା ବାନ୍ଧୁଛି। ଜିଲା ମୁଖ୍ୟାଳୟର ବିଭିନ୍ନ ସ୍ଥାନରେ ଏହି କାରବାର ବେଧଡ଼କ ଚାଲିଥିବା ବେଳେ ଏନେଇ ପୋଲିସ ଓ ଅବକାରୀ ବିଭାଗ ଅବଗତ ଥିଲେ ହେଁ ଧରପଗଡ଼ କରୁନାହାନ୍ତି। ଫଳରେ ଏହାକୁ ରୋକାଯାଇପାରୁନାହିଁ ବୋଲି ମତପ୍ରକାଶ ପାଉଛି । ବିଭିନ୍ନ ଢାବା, ହୋଟେଲ, ପାନ ଦୋକାନ, ଗ୍ରୋସରି ଦୋକାନରେ ଏହିସବୁ ନିଶା ସାମଗ୍ରୀ ବେଧଡ଼କ ଉପଲବ୍ଧ ହେଉଥିବାରୁ ଅସନ୍ତୋଷ କୁହୁଳୁଛି। ଏ ନେଇ ଅବକାରୀ ଅଧୀକ୍ଷକଙ୍କୁ ଯୋଗାଯୋଗ କଲେ ଫୋନ ଉଠାଉ ନ ଥିବାରୁ ମତାମତ ମିଳିପାରୁନାହିଁ।

■ ଚମ୍ପୁଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ରାଇଜିଂ ଷ୍ଟାର ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

**ଚମ୍ପୁଆ, ୬।୬(ଡି.ଏନ.ଏ.)**

ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏକ ଦିବସୀୟ ଚମ୍ପୁଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ତଥା ଫାଇନାଲ ମ୍ୟାଚ ରାଇଜିଂ ଷ୍ଟାର ଓ ଧୋକା ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୮ ଗୋଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ରାଇଜିଂ ଷ୍ଟାର ଧୋକା ଇଲେଭେନ ଦଳକୁ ହରାଇ ଚମ୍ପିୟାନ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଡା.ଜ୍ୟୋତିରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ପବିତ୍ର କୁମାର ନାଏକ ଓ ଚମ୍ପୁଆ ବାର ଆସୋସିଏଶନ ସମ୍ପାଦକ ଅରୁଣ କୁମାର ପତି ଯୋଗ ଦେଇଥିବା ବେଳେ ଉଦଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଣେଶ ଖିଲାର, ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅଫ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅଧିକ ରନ କରିଥିବା ଦିଲ୍ ନୱାଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଏମ୍‌ଡି ମୁନିରଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ସମ୍ମାନିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଅମ୍ପାୟାର ଭାବେ ବିଶ୍ୱମ୍ଭର ମହାକୁଡ, ଶୁଶାନ୍ତ କୁମାର ପଣ୍ଡା, ଗିରିଶ ଚନ୍ଦ୍ର ହୋତା ଖେଳ ପରିଚାଳନା କରିଥିବା ବେଳେ କମେଣ୍ଟେଟର ଭାବେ ଚମ୍ପୁଆ ବରିଷ୍ଠ କ୍ରିକେଟ କମେଣ୍ଟେଟର ଏମ ଡି ମୁନାଜିର ଓ ଏମ ଡି ସର୍‌ବର୍ ଦାୟିତ୍ୱ ନିଭାଇଥିଲେ। ଯୁବ ତଥା ଦକ୍ଷ ଖେଳାଳି କରିବା ପାଇଁ ଏହି ପ୍ରତିଯୋଗିତା ସବୁ ବର୍ଷ ଆୟୋଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ୪ ମଦ ବେପାରି ଗିରଫ

**ପାଟଣା,୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପାଟଣା ଥାନା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ବ୍ୟାପକ ଅବକାରୀ ଚଢ଼ାଉରେ ୧୧୩ ଲିଟରରୁ ଊର୍ଦ୍ଧ୍ୱ ବେଆଇନ ଦେଶୀ ମହୁଲି ମଦ ଜବତ ସହ ୪ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ପାଟଣା ଅବକାରୀ ଥାନା ପକ୍ଷରୁ ତୁରୁମୁଙ୍ଗା ଥାନା ଅଞ୍ଚଳର ଭଗପଶି ଗ୍ରାମର ମାଳତୀ ମୁଣ୍ଡାଙ୍କ ଠାରୁ ୬୦ଲିଟର, କଣ୍ଟିଆପଡାର ବିନ ବେହେରା ଙ୍କ ଠାରୁ ୫ଲିଟର ଓ ପାଟଣା ଥାନା ମଙ୍ଗଳପୁର ଗ୍ରାମର ଦୁର୍ଗାଚରଣ ମହାନ୍ତଙ୍କ ଠାରୁ ୮ଲିଟର ଓ ଡିଆନାଳୀ ଗ୍ରାମର କୁନିମୁଣ୍ଡାଙ୍କ ଠାରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏନେଇ ପୋଲିସ ପୃଥକ ମାମଲା (ନଂ.୨୦,୨୧,୨୨ ଓ ୨୩ /୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

■ ବ୍ରିଜ୍ ଛକରେ ଜବରଦଖଲ ଉଚ୍ଛେଦ

# ଥଇଥାନ ଲାଗି ବ୍ୟବସାୟୀଙ୍କ ଦାବିପତ୍ର



ବ୍ରିଜ୍ ଛକରେ ଦୋକାନଗୁଡିକ ଉଚ୍ଛେଦ କରାଯାଉଛି।

**ଆନନ୍ଦପୁର, ୬।୬(ସ୍ୱ.ପ୍ର.)**

ଆନନ୍ଦପୁରର ଜନଗହଳିପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ଛକ ସ୍ଥାନ ଭାବେ ପରିଚିତ ବ୍ରିଜ୍ ଛକରେ ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ପୂର୍ବରୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ୨୪ ଘଣ୍ଟିଆ ନୋଟିସ ଦିଆଯାଇଥିଲା। ନୋଟିସ ପାଇବା ପରେ ଦୁଇଦିନ ଧରି ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ଲାଗିପଡିଥିଲେ। ଗୁରୁବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୌର ଅଧିକାରୀ ସୀତାଂଶୁ ଶେଖର ସାମଲ, ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ଆନନ୍ଦପୁର ଆଇଆଇସି ଗଗନ ବିହାରୀ ବିଶ୍ୱାଳ ଏବଂ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଜବରଦଖଲ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାୟ ୩୫ ଜଣ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇ ଉଚ୍ଛେଦ କରାଯାଇଥିଲା। ଏଥିରେ ପାତରଅନ୍ତର ହେଉଥିବା ଅଭିଯୋଗ କରି କେତେକ ବ୍ୟବସାୟୀ ଛକରେ ସରକାରୀ ଜାଗା ଜବରଦଖଲ କରି ରହିଥିବା ଅନ୍ୟ ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦ କରାଯିବା ପାଇଁ ପୌର ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ତେବେ ନିଜ ପରିବାର ଭରଣପୋଷଣ ପାଇଁ ସ୍ଥାନୀୟ ବ୍ରିଜ୍ ଛକଠାରେ ବ୍ୟବସାୟୀମାନେ ଏହି ଉଚ୍ଛେଦରେ ଜୀବିକା ହରାଇଥିବା ପରିଲକ୍ଷିତ ହୋଇଛି। ତୁରନ୍ତ ଏ ଦିଗରେ ଧ୍ୟାନ ଦିଆଯାଇ ଯଥାସମ୍ଭବ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଥଇଥାନ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

■ ଅର୍ଥ ସାଜିଲା ବାଧକ

# ଅଧାରୁ ପାଠ ଛାଡ଼ିଲେ ଦୁଷ୍ମନ୍ତ

**ଚମ୍ପୁଆ, ୬।୬(ଡି.ଏନ.ଏ.)**



ଦୁଷ୍ମନ୍ତ ମୁଣ୍ଡା।

ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ କାର୍ଯ୍ୟକ୍ରମ ଅନୁଯାୟୀ ଶିକ୍ଷିତହାର ବୃଦ୍ଧି କରିବା ଓ ବିଶେଷ ଭାବେ ଆଦିବାସୀ ହରିଜନ ଏବଂ ଆର୍ଥିକ ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରିବା ଉପରେ ସରକାରୀ ସ୍ତରରେ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତର ମଙ୍ଗଳପୁର ମୁଣ୍ଡା ସାହିରେ ଦୁଷ୍ମନ୍ତଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅର୍ଥ ଅଭାବରୁ ଚମ୍ପୁଆ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ଏହି ମେଧାବୀ ଛାତ୍ର ଜଣଙ୍କ ଅଧାରୁ ପାଠ ଛାଡିଛନ୍ତି। ସୂଚନା ଅନୁସାରେ ମଙ୍ଗଳପୁର ମୁଣ୍ଡା ସାହିର ହୃଷିକେଶ ମୁଣ୍ଡାଙ୍କ ପୁଅ ଚଳିତ ଶିକ୍ଷାବର୍ଷରେ ଚମ୍ପୁଆ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ପ୍ରଥମେ ମୁଣ୍ଡା ସାହିରୁ ସାଇକେଲ ଯୋଗେ ଭଣ୍ଡା ଆସି ଧବଳେଶ୍ୱର ନାମକ ବସରେ ମାସିକ ୧୫ ଶହ ଟଙ୍କା ମୁଲଚାଲ କରି ଦୁଷନ୍ତ ବିଦ୍ୟାଳୟକୁ ଯାଆସ କରୁଥିଲେ। କିଛି ମାସ ପର୍ଯ୍ୟନ୍ତ ହୃଷିକେଶ ମୁଣ୍ଡା ଚାଷ ଓ କାମଦାମ କରି ଅର୍ଥ ଦେବାରେ ସକ୍ଷମ ହେଉଥିବା ବେଳେ ପ୍ରାୟ କିଛି ମାସ ହେବଅର୍ଥ ଦେବାରେ ବିଫଳ ହୋଇଥିଲେ। ଫଳରେ ଦୁଷ୍ମନ୍ତଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଯାଇଥିଲା। ହୃଷିକେଶ ଅର୍ଥ ଅଭାବରୁ ପଢାଇବାର ସମ୍ଭପର ହୋଇ ପାରିଲା ନାହିଁ ବୋଲି କହୁଥିବା ବେଳେ ବଡପୁଅ ରଞ୍ଜନ ଏହି ଅର୍ଥ ଅଭାବରୁ ପ୍ରାୟ ୫ ବର୍ଷ ହେବ ନବମ ଶ୍ରେଣୀରୁ ପାଠ ଛାଡି ବାଙ୍ଗାଲୋର ପଳାଇଛନ୍ତି। ଆର୍ଥିକ ଅନାଟନ ମଧ୍ୟରେ ଦିନ କାଟୁଥିବା ହୃଷିକେଶ ଦୁଷ୍ମନ୍ତଙ୍କୁ ପଢାଇବା ସମ୍ଭପର ନୁହେଁ ବୋଲି ତାଙ୍କ ବାପା କହିଛନ୍ତି। ଅନ୍ୟପକ୍ଷରେ ଆଦର୍ଶ ବିଦ୍ୟାଳୟର ହଷ୍ଟେଲ ସୁବିଧା ନ ଥିବାରୁ ସକାଳ ୭ ଟାରୁ ଘରୁ ଆସି ସନ୍ଧ୍ୟାରେ ଘର ପହଞ୍ଚୁ ଥିବାରୁ ପାଠ ପଢିବା ସମ୍ଭପର ହୋଇପାରୁ ନାହିଁ ବୋଲି ଦୁଷନ୍ତ ମୁଣ୍ଡା ପ୍ରକାଶ କରିଛି। ଏଣୁ ଏହି ମେଧାବୀ ଛାତ୍ରଙ୍କୁ ଶିକ୍ଷାର ଆବଶ୍ୟକୀୟ ବ୍ୟବସ୍ଥା କରାଇବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।